# Akashvani, Sambalpur

## SAMBALPURI NEWS EVENING BULLETIN

**27 January 2026 - 7.02 pm- 7.12 pm.**

*******************************************

୧- ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା କାଏଲ୍ ଠାନୁ ହେବା ମୁଲ୍ ।

- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂଙ୍କର୍ ଅଧ୍ୟକ୍ଷତାଥି ବସ୍‌ଲା ସର୍ବଦଳୀୟ ବୈଠକ୍ ।

୨- ଓଡ଼ିଶା ଆଏବା ଦିନେ ଦେଶର୍ ଅର୍ଥନୈତିକ୍ ପ୍ରଗତିର୍ ସବୁନୁ ଶକ୍ତିଶାଳୀ ସ୍ତମ୍ଭ ହେବା କହେଲେ ମୁଖ୍ୟମନ୍ତ୍ରୀ ।

- ସମ୍ବଲ୍‌ପୁର୍ ଲପଙ୍ଗାଠାନେ ପାଖାପାଖି ୨୭ ହଜାର କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ କଲେ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ ।

୩- ରାଷ୍ଟ୍ରପତିଙ୍କର୍ ଗସ୍ତକେ ନେଇକରି ପୁରୀ ନ ବସ୍‌ଲା ଶ୍ରୀମନ୍ଦିର୍ ନୀତି ସବ୍‌କମିଟି ବୈଠକ୍ ।

ଆଉର୍

୪- ଅଙ୍ଗନାବାଡ଼ି ଛୁଆମାନ୍‌କର୍ ୟୁନିଫର୍ମ ଦାମ୍ ବଢ଼ାଲେ ରାଜ୍ୟ ସରକାର୍ ।

ସଂସଦ ବଜେଟ୍ ଅଧିବେଶନ୍          ଏନ୍ଏସ୍ଡି

ସଂସଦ୍ର ବଜେଟ୍ ଅଧିବେଶନ୍ ଆଏବାକାଏଲ୍ ରାଷ୍ଟ୍ରପତିଙ୍କର୍ ଅଭିଭାଷଣ ଉତ୍ରୁ ମୁଲ୍ ହେଉଛେ । ତାର୍ ଆଗୋନୁ ଆଏଜ୍ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂହଙ୍କର ଅଧ୍ୟକ୍ଷତାଥି ନୂଆଦିଲ୍ଲୀର୍ ସଂସଦୀୟ କକ୍ଷ ନ ସର୍ବଦଲୀୟ ବୈଠକ୍ ହେଇଯାଇଛେ । ବଜେଟ୍ ଅଧିବେଶନ୍ର ପହେଲା ଖେପ୍ ଆଏବାକାଏଲ୍ନୁ ମୁଲ୍ ହେଇକରି ଫେବୃୟାରୀ ୧୩ ତାରିଖ୍ତକ୍ ଚାଲ୍ବା । ଦୁଇ ନମ୍ବର ଖେପ୍ ମାର୍ଚ୍ଚ ମାସର୍ ୯ ତାରିଖ୍ନୁ ଏପ୍ରିଲ୍ ୨ ତାରିଖ୍ତକ୍ ହେବା । ଅଧିବେଶନ୍ଥି ୩୦ଟା ବୈଠକ୍ ହେବା । ଫେବୃୟାରୀ ୧ ତାରିଖ୍ ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏବା ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍ବେ ବଲି ସଂସଦୀୟ ବ୍ୟାପର ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍ନା ଦେଇଛନ୍ ।

(ଭଏସ୍-କିରେନ୍ ରିଜିଜୁ)

ସର୍ବଦଲୀୟ ବୈଠକ୍ଥି ରାଜ୍ୟ ସଭାନ ଗୃହର୍ ନେତା ଜଗତ୍ ପ୍ରସାଦ୍ ନଡ୍ଡା, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ୍ରାମ ମେଘୱାଲ ଆଉ ଡକ୍ଟର ଏଲ୍. ମୁରୁଗାନ୍ ବୈଠକ୍ଥି ଉପସ୍ଥିତ ଥିଲେ । କଂଗ୍ରେସ ନେତା ଜୟରାମ ରମେଶ, ଡିଏମ୍କେ ନେତା ତିରୁଚି ଶିୱା, ତୃଣମୂଳ କଂଗ୍ରେସ ନେତ୍ରୀ

ସାଗରିକା ଘୋଷ, ସମାଜବାଦୀ ପାର୍ଟି ସାଂସଦ ରାମଗୋପାଲ ୟାଦବ୍ ପ୍ରମୁଖ ବୈଠକ୍‌ଥି ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀ-ସମ୍ବଲପୁର ଗସ୍ତ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ଆଏବା ଦିନେ ଦେଶର୍ ଅର୍ଥନୈତିକ୍ ପ୍ରଗତିର୍ ସବୁନୁ ଶକ୍ତିଶାଳୀ ସ୍ତମ୍ଭ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଦୁଇଦିନିଆ ପଶ୍ଚିମ ଓଡ଼ିଶା ଗସ୍ତଥି ଆସିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁର ଜିଲ୍ଲା ଲପଙ୍ଗାଠାନେ ଆଦିତ୍ୟ ଆଲୁମିନିୟମ୍ ତର୍‌ଫୁ ଆଏଜ୍ ପାଖାପାଖି ୨୭ ହଜାର କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଶାକେ ଶିଳ୍ପ ସମୃଦ୍ଧ ରାଜ୍ୟ କର୍‌ବାର୍ ଲାଗି ସରକାର ସଂକଳ୍ପବଦ୍ଧ । ରାଜ୍ୟ ଇହାଦେ ଖାଲି କଂଚାମାଲ୍ ଉତ୍ପାଦନ୍‌ଥି ସୀମିତ୍ ନାଇ ରହିକରି ଆଧୁନିକ୍ ମାନୁଫାକ୍‌ଚରିଂ ଆଉ ଭେଲ୍ୟ ଏଡିସନ୍ କ୍ଷେତ୍ରଥି ବିଶ୍ୱସ୍ତରର୍ ହବ୍ ଭାବେ ଉଭା ହେଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଦେଶର୍ ପହେଲା ଆଲୁମିନିୟମ୍ ଫ୍ଲାଟ୍ ରୋଲର୍ ପ୍ରଡକ୍ଟ ୟୁନିଟ୍ ଆଉ ଆଲୁମିନିୟମ୍ ବ୍ୟାଟେରୀ ଫଏଲ୍ ପ୍ଲାଂଟ୍ ସହେତେ ସ୍ମେଲ୍‌ଟିଂ କ୍ଷମତା ସମ୍ପ୍ରସାରଣ ବାଗିର୍ ଅତ୍ୟାଧୁନିକ୍ ପ୍ରକଳ୍ପର ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍

କରିଛନ୍ । ଇତାର୍ ଜରିଏ ୫ ହଜାର ନିଯୁକ୍ତି ଦିଆଯିବା । ଇ ଇଲାକାର୍ ଯୁଆନ୍ ପିଲାଟୁକେଲ୍ମାନ୍ଙ୍କୁ ଶିଳ୍ପ କ୍ଷେତ୍ର ଲାଗି ଦକ୍ଷ ବନାବାର୍ ଲାଗି ଖୋବ୍ ଜଲ୍ଦି ସମ୍ବଲପୁର ନ ଦୁଇ ନମ୍ବର ବିଶ୍ୱ ଦକ୍ଷତା କେନ୍ଦ୍ର ଥାପ୍ନା କର୍ବାର୍କେ ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ ।

ଦେବୋତର-ତାଲିମ୍ କାର୍ଯ୍ୟକ୍ରମ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ସଚିବାଳୟ ତାଲିମ୍ ପ୍ରତିଷ୍ଠାନ୍ ପରିସର୍ ନ ଆଏଜ୍ ଦେବୋତର ନିରୀକ୍ଷକ, ଅଡିଟର୍ ଆଉ ଅଲ୍ଗା ଅଧିକାରୀମାନ୍କର୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ଉଦ୍ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ପୂର୍ତ ଆଉ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ତାଲିମ୍ ଶିବିର୍ ଉଦ୍ଘାଟନ୍ କରିଛନ୍ । ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ମନ୍ଦିର୍ ମାନ୍କର୍ ରୀତିନୀତି ମୁଲ୍ କରିକରି ପୂଜା ପାଠ୍ ଆଉ ସମ୍ପତିର୍ ଦେଖ୍ରେଖ୍, ହିସାବ୍ କିତାବ୍ କାମ୍ଥି ଦେବୋତର୍ ବିଭାଗ୍ର ପ୍ରମୁଖ ଭୂମିକା ରହିଛେ । ହେଥିର୍ଲାଗି ଇତାକେ ଅଏତ୍କା ଶୃଙ୍ଖଲିତ୍ କର୍ବାର୍ ଆଉ ଅନ୍ଲାଇନ୍ ଅଭିଯୋଗ୍ ବାକସ୍ ବ୍ୟବସ୍ଥା ସଙ୍ଗେ ସମସ୍ୟା ମାନ୍କର୍ ତୁର୍ତି ସମାଧାନ୍ କର୍ବାର୍କେ ବିଭାଗ୍ ତର୍ଫୁ ବିଚାର୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

## ଶହୀଦ୍ ଲକ୍ଷ୍ମଣ ନାଏକ୍ ବିଦ୍ୟାଲୟ ଏକ୍ସ

ରାଜ୍ୟର୍ ଆଦିବାସୀ ବହୁଳ ଜିଲ୍ଲାମାନ୍‌କେ ଖୋବ୍ ଜଲ୍‌ଦି ଶହୀଦ୍ ଲକ୍ଷ୍ମଣ ନାଏକ୍ ବିଦ୍ୟାଲୟ ଥାପ୍‌ନା କରାଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ଆଦିବାସୀ ପିଲାମାନ୍‌କୁ ଗୁଣାତ୍ମକ ଶିକ୍ଷା ଯୁଗେଇ ଦେବାର୍ ଲକ୍ଷ୍ୟଥି ସର୍‌କାର୍ ଶହୀଦ୍ ଲକ୍ଷ୍ମଣ୍ ନାୟକ୍ ବିଦ୍ୟାଲୟ ଥାପ୍‌ନା ଯୋଜ୍‌ନା କରୁଛନ୍ । ଇଥିର୍‌ଲାଗି ଶହେ କୋଟି ଟଙ୍କା ବ୍ୟୟବରାଦ୍ କର୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ପହେଲା ଖେପ୍‌ଥି ଜନଜାତି ଉନ୍ନୟନ୍ ପରିଷଦ୍ ଜିଲ୍ଲା ନ ଇ ବିଦ୍ୟାଲୟ ନିର୍ମାଣ୍ ହେବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

## ରାଷ୍ଟ୍ରପତି ପୁରୀ ଗସ୍ତ ବୈଠକ୍ ପୁରୀ ସମ୍ବାଦଦାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବାମାସର୍ ୩ ତାରିଖ୍ ଦିନ ପୁରୀ ଗସ୍ତଥି ଆସ୍‌ବେ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ଆଏଜ୍ ଉପର୍‌ବେଲା ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କର୍ ଅଧ୍ୟକ୍ଷତାଥି ନୀତି ସବ୍‌କମିଟିର୍ ଗୁଟେ ବୈଠକ୍ ହେଇଯାଇଛେ । ରାଷ୍ଟ୍ରପତିଙ୍କର ଗସ୍ତ ସମିଆଥି

ମହାପୁରୁମାନ୍‌କର ଶୃଙ୍ଖଲିତ୍ ନୀତିକାନ୍ତି କର୍‌ବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଫେବୃଆରୀ ୩ ତାରିଖ୍ ଦିନ ରାଷ୍ଟ୍ରପତି ପୁରୀ ନ ରାତ୍ରୀଯାପନ୍ କର୍‌ବେ । ତାର୍ ଆରଦିନ ସଖାଲର୍ ୭ ବଜେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ୱେତଗଙ୍ଗା ନ ପିତୃପୁରୁଷଙ୍କର୍ ଉଦ୍ଦେଶ୍ୟଥି ପିଣ୍ଡଦାନ୍ କରବାର୍ କାର୍ଯ୍ୟସୂଚୀ ରହିଛେ । ୭ ବାଜିକରି ୪୦ ମିନିଟ୍‌ଥି ରାଷ୍ଟ୍ରପତି ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବେ । ରାଷ୍ଟ୍ରପତିଙ୍କର୍ ଗସ୍ତ ଲାଗି ସେହିଦିନ ସଖାଲର୍ ୪ ବଜେତକ୍ ଜୟବିଜୟ ଦ୍ୱାରଫିଟା ନୀତି କରାଯିବା । ଦର୍ଶନ୍ ସାରିକରି ରାଷ୍ଟ୍ରପତି ୮ ବାଜିକରି ୨୦ ମିନିଟ୍ ବେଲ୍‌କେ ଶ୍ରୀମନ୍ଦିର୍‌ନୁ ବାହାରିବେ ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍‌ନା ଦେଇଛନ୍ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଆଏବା ମାସ ହେବା । ଚାପମୁକ୍ତ ଭାବେ ପରୀକ୍ଷା ଦେବାର୍ ଲାଗି ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶର୍ ଭିନ୍ ଭିନ୍ ଇଲାକାର୍ ଛାତ୍ରଛାତ୍ରୀ ଆଉ ଅଭିଭାବକ୍‌ମାନ୍‌କର୍ ସଙ୍ଗେ ସିଧାସଲଖ୍ ଭାବ ବିନିମୟ କର୍‌ବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ସାରା ଦେଶେ ଗୁଟେ ଆନ୍ଦୋଲନ୍‌ଥି ପରିଣତ୍ ହେବାର୍

ସହେତେ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଚାପମୁକ୍ତ ପରୀକ୍ଷା ପରିବେଶ୍‌କେ ତହଁକଉଛେ ।

ଉପମୁଖ୍ୟମନ୍ତ୍ରୀ-ମିଶନ୍ ଶକ୍ତି ଆଇ.ଆଣ୍ଡ୍.ପି.ଆର୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଏଜ୍ ଭୁବନେଶ୍ୱର ରାଜ୍ୟ ମହିଳା ଆଉ ଶିଶୁ ପ୍ରଶିକ୍ଷଣ କେନ୍ଦ୍ର ପରିସର ନ ବିଭାଗ୍‌ର ଭିନ୍ ଭିନ୍ ଯୋଜ୍‌ନା ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା ଅଙ୍ଗନବାଡ଼ି ଛୁଆମାନ୍‌କର୍ ୟୁନିଫର୍ମ ଲାଗି ବଢ଼୍‌ତି ଦର୍ ଘୋଷ୍‌ନା କରିଛନ୍ । ୨୦୨୬-୨୭ ଆର୍ଥିକ୍ ବଛର୍‌ନୁ ଇ ନୂଆଁ ତାଲିକା ଲାଗୁ କରାଯିବା ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ଶ୍ରୀମତୀ ପରିଡ଼ା ଛୁଆମାନ୍‌କର୍ ଜନମ୍ ଦିନ୍ ଅବ୍‌ସରେ ଅଙ୍ଗନବାଡ଼ି ସେମାନ୍‌କୁ ଫଲ୍ ବାଂଟ୍‌ବାର୍ ସହେତେ କୁପୋଷଣ୍ ଦୂର୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପଂଚତତ୍ୱ ପାର୍କର ଉଦ୍‌ଘାଟନ୍ କର୍‌ବାର୍ ସହେତେ ସୁଭଦ୍ରା ସାଧନ କେନ୍ଦ୍ରର୍ ଶିଳାନ୍ୟାସ୍ କରିଛନ୍ । ଇତାର୍ ସହେତେ ସୁପୋଷିତ୍ ଓଡ଼ିଶା ମିଶନ୍‌ର ରାଜ୍ୟସ୍ତରୀୟ ଓରିଏଂଟେସନ୍-କମ୍-କାପାସିଟି ବିଲ୍‌ଡିଂର ଦୁନିଦିନିଆ କର୍ମଶାଳାର ଶୁଭାରମ୍ଭ କରିଛନ୍ ।

ବନକଲାଗି ନୀତି          ପୁରୀ ସମ୍ବାଦଦାତା

ମାଘ ଶୁକ୍ଳପକ୍ଷ ଦଶ୍ମୀ ଅବ୍ସରେ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ବନକଲାଗି ନୀତି କରାଯିବା । ୨ ନମ୍ବର୍ ଭୋଗ ମଣ୍ଡପ ଶେଷ୍ ହେବାର୍ ଉତ୍ରୁ ସଞ୍ଜ୍ବେଲର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ମାହାପୁରୁମାନ୍କର୍ ଇ ନୀତି ଚାଲ୍ବା । ବନକଲାଗି ନୀତି ଗୁଟେ ଗୁପ୍ତ ନୀତି ହେଇଥିବାର୍ନୁ ଇ ସମିଆଥି ଶ୍ରୀମନ୍ଦିର୍ ନ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ଅଭିଯୋଗ୍ ଶୁଣାଣି ଶିବିର/ ସୁବର୍ଣ୍ଣପୁର୍/ ବୌଦ୍ଧ/ ନୂଆପଡ଼ା/ ଦେବ୍ଗଡ୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ପଂଚାୟତ୍ ସମିତିର୍ ଏସ୍. ପତ୍ରାପାଲି ଗାଁ ନ ମିଳିତ ଅଭିଯୋଗ୍ ଶୁଣାଣି ଶିବିର ହେଇଛେ । ଇଥି ୪୭ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ଆଡ଼ସ ପଂଚାୟତ୍ ସମ୍ମିଲନୀ କକ୍ଷ ନ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୧୮ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ କୁସଙ୍ଗ ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୫୩ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୧୫ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୬୩ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମେଡ଼ିକାଲ୍ ବୋର୍ଡ଼ ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମେଡ଼ିକାଲ୍ ବୋର୍ଡ଼ର ମାସିକ୍ ବୈଠକ୍ ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସର୍ ନ ହେଇଯାଇଛେ । ଇ ଅବ୍‌ସରେ ଭିନ୍ନକ୍ଷମ ମାନ୍‌କୁ ଭିନ୍ନକ୍ଷମ ପ୍ରମାଣ୍‌ପତ୍ର ଦିଆଯାଇଥିଲା । ଇତାର୍‌ସହେତେ ଭିନ୍ନକ୍ଷମ ମାନ୍‌କର୍ ଭିନ୍

ଭିନ୍ ସମସ୍ୟାର୍ ସମାଧାନ୍ ଦିଗେ ପଦକ୍ଷେପ୍ ନିଆଯାଇଥିଲା ।

ଆତ୍ମରକ୍ଷା ତାଲିମ୍ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସର୍ ନ ଆତ୍ମରକ୍ଷା ତାଲିମ୍ ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । ଖଡ଼ିଆଲ୍ ଥାନା ଅଧିକାରୀ ସୁମନ୍ତ କୁମାର୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିବିର୍‌କେ ଉଦ୍‌ଘାଟନ୍ କରିଛନ୍ । ମହିଳାମାନେ ଆତ୍ମରକ୍ଷା ଲାଗି ହର୍ ରକ୍‌ମର୍ କୌଶଲ୍ ଜାନ୍‌ବାର୍ ସହେତେ ସଚେତନ୍ ହେଲେ ସେମାନ୍‌କର୍ ମନୋବଳ ବଢ଼୍‌ସି ବଲି ଇ ଅବ୍‌ସରେ ଥାନାଧିକାରୀ କହିଛନ୍ । ଫେବୃଆରୀ ୪ ତାରିଖ୍‌ତକ୍ ହେବାର୍‌କେ ଥିବା ଶିବିର୍‌ଥି ୨ ଶହନୁ ଅଏତ୍‌କା ଛାତ୍ରୀ ସାମିଲ୍ ହେଇକରି ତାଲିମ୍ ନଉଛନ୍ ।

ତିଲେଶ୍ୱର୍ କପ୍ ଫୁଟ୍‌ବଲ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତିଲେଶ୍ୱର୍ ଠାନେ ଚାଲିଥିବା ତିଲେଶ୍ୱର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ୪ ନମ୍ବର୍ ଦିନେ ଆଏଜ୍ ବର୍‌ଗଡ଼୍ ଦଲ୍ ୩-୨ ଗୋଲ୍‌ଥି ଝାର୍‌ସୁଗୁଡ଼ା ଦଲ୍‌କେ ହରେଇଛେ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ଉତ୍ସାହିତ୍ କରିଥିଲେ । ଇ ଅବ୍‌ସରେ ବୌଦ୍ଧ ବିଧାୟକ୍ ସରୋଜ୍ ପ୍ରଧାନ୍ ଭିଲ୍ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ଶ୍ଚିମାଝଡ଼୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୩ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆହୁରି କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୭ ଟା ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ରେ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।